# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 20 June – 2026

************************************

## ମୁଖ୍ୟ ସମ୍ବାଦ

- ରାଜ୍ୟବାସୀଙ୍କ ସ୍ୱପ୍ନ ପୂରଣ ଲାଗି ଗତ ୨ ବର୍ଷରେ ସରକାର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି କହିଲେ ପ୍ରଧାନମନ୍ତ୍ରୀ।

  – ମୟୂରଭଞ୍ଜ ରାଇରଙ୍ଗପୁରଠାରେ ୪୭ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର କଲେ ଉଦ୍‌ଘାଟନ ଓ ଶିଳାନ୍ୟାସ।

  – ରାଜ୍ୟରେ ଗତ ୨ ବର୍ଷରେ ବିକାଶର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ ମୁଖ୍ୟମନ୍ତ୍ରୀ।

- ପିଏମ୍ କିଷାନ୍ ସମ୍ମାନନିଧି ଯୋଜନାରେ ଆଜି ୧୮ ହଜାର ୮୮୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ।

- ଶରଣାର୍ଥୀଙ୍କ ପ୍ରତି ସମବେଦନା ଓ ସମର୍ଥନ ଜଣାଇବା ଲକ୍ଷ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ଶରଣାର୍ଥୀ ଦିବସ।

ଏବଂ

- ମୌସୁମୀ ବାୟୁ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାନେଇ ପାଣିପାଗ କେନ୍ଦ୍ରର ସତର୍କ ସୂଚନା।

# ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ-୧

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମିଳିତ ଭାବେ ମୟୂରଭଞ୍ଜ ରାଇରଙ୍ଗପୁରରେ ୪୭ ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଶକ୍ତି, ଭିତ୍ତିଭୂମି ନିର୍ମାଣ, ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ଜଳସେଚନ କ୍ଷେତ୍ର ରହିଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜନସମାବେଶକୁ ଉଦ୍‌ବୋଧନ ଦେଇ କହିଛନ୍ତି, ରାଜ୍ୟ ସରକାର ଗତ ୨ ବର୍ଷ ମଧ୍ୟରେ ପ୍ରତିଟି କ୍ଷେତ୍ରରେ ବିକାଶମୂଳକ କାର୍ଯ୍ୟକୁ ପ୍ରାଧାନ୍ୟ ଦେଇ ଲୋକମାନଙ୍କ ହିତ ଉଦ୍ଦେଶ୍ୟରେ କାର୍ଯ୍ୟ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ସାନ୍ଥାଳୀ ଭାଷାରେ ସମ୍ବିଧାନ ପ୍ରସ୍ତୁତ କରାଯାଇଥିବା କହିବା ସହ ଓଡ଼ିଶାର ସନ୍ତାନମାନଙ୍କୁ ପଦ୍ମ ସମ୍ମାନରେ ସମ୍ମାନିତ କରିଥିବା କହିଛନ୍ତି। ଶ୍ରୀ ମୋଦୀ କହିଛନ୍ତି ଗତ ୨ ବର୍ଷରେ ରାଜ୍ୟ ସରକାର ଲୋକମାନଙ୍କ ସ୍ୱପ୍ନ ସାକାର କରିବା ଦିଗରେ ସଫଳତା ଲାଭ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ରାଜ୍ୟ ସରକାର ଗତ ୨ ବର୍ଷରେ ମହିଳା, ଗରିବ, ଅନ୍ନଦାତା, ଅନୁସୂଚିତ ଜାତି ତଥା ପଛୁଆବର୍ଗ ବର୍ଗଙ୍କ ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନା ଲାଗୁ କରିଛନ୍ତି। ରାଜ୍ୟର କଲ୍ୟାଣ ପାଇଁ ସରକାରଙ୍କ ନିରନ୍ତର ପ୍ରୟାସ ଜାରି ରହିବ। ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା

ସଶକ୍ତିକରଣ ଓ ଜନସାଧାରଣଙ୍କ ଜୀବନଧାରଣ ମାନରେ ଏହି ସମୟ ମଧ୍ୟରେ ବ୍ୟାପକ ପରିବର୍ତ୍ତନ ଆସିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି କହିଛନ୍ତି ।

Desk

## ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ-୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପୈତୃକ ଗ୍ରାମ ପାହାଡ଼ପୁରରେ ପହଞ୍ଚିବା ପରେ ରାଷ୍ଟ୍ରପତିଙ୍କ ୬୮ତମ ଜନ୍ମଦିବସ ପାଳନ ଉତ୍ସବରେ ଯୋଗଦେଇଥିଲେ । ପାହାଡ଼ପୁରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀଙ୍କୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରିଥିଲେ । ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଆଦିବାସୀ ଉପାସନାସ୍ଥଳୀ ସାନ୍ଥାଳୀ ଜାହେରା ଏବଂ ହୋ ଜାହେରାରେ ପ୍ରାର୍ଥନା କରିଥିଲେ । ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପାହାଡ଼ପୁର ସ୍କୁଲ ସମେତ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରିବା ସହ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟ ସହ କଥାବାର୍ତ୍ତା କରିଛନ୍ତି । ଦକ୍ଷତା ବିକାଶ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି ।

HS

## ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ-୨

ଓଡ଼ିଶା ଗସ୍ତର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଇରଙ୍ଗପୁର ପୋଲିସ୍ ଜିଲ୍ଲା ସମେତ ଅନ୍ୟ କେତେକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଗତକାଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ରାଇରଙ୍ଗପୁରରେ ପହଞ୍ଚିବା ପରେ ଏକ ମେଡ଼ିକାଲ କ୍ୟାମ୍ପକୁ ଉଦ୍‌ଘାଟନ କରିବା ସହ ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କ ସହ କଥାବାର୍ତ୍ତା କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ଗ୍ରାମୀଣ ଜଳଯୋଗାଣ ପ୍ରକଳ୍ପର ଶୁଭାରମ୍ଭ କରିବା ସହ ବ୍ରହ୍ମକୁମାରୀଙ୍କ ମାତୃଶକ୍ତି ଭବନ ଓ ଏକ ସ୍ୱତନ୍ତ୍ର ସର୍କିଟ ହାଉସ୍‌ର ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟ ଗତବର୍ଷ ଅଗଷ୍ଟ ମାସରେ ମୟୂରଭଞ୍ଜ ପୋଲିସ ଜିଲ୍ଲାର ପୁନର୍ଗଠନ କରାଯାଇ ରାଇରଙ୍ଗପୁର ପୋଲିସ୍ ଜିଲ୍ଲା ସୃଷ୍ଟି କରାଯାଇଥିଲା। ଏହି ନୂତନ ପୋଲିସ୍ ଜିଲ୍ଲା ଅଧୀନରେ ୨ଟି ପୋଲିସ ଉପଖଣ୍ଡ ଓ ୧୪ଟି ଥାନା ରହିଛି।

HS

## ରାଷ୍ଟ୍ରପତିଙ୍କ ଜନ୍ମଦିନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ୬୮ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ରାଷ୍ଟ୍ରପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରପତିଙ୍କ ଦେଶସେବା ସମସ୍ତଙ୍କୁ ପ୍ରେରଣା ଯୋଗାଇଛି ବୋଲି କହିବା ସହ ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା

କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ ଓଡ଼ିଶା ମାଟିର ଅନନ୍ୟ ଗୌରବ ଓ ଦେଶ ପାଇଁ ପ୍ରେରଣା ଓ ସଂକଳ୍ପର ପ୍ରତୀକ ଭାବେ ବର୍ଣ୍ଣନା କରି ତାଙ୍କ ଦୀର୍ଘ ଜୀବନ ଓ ମଙ୍ଗଳ କାମନା କରିଛନ୍ତି। ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକବର୍ଦ୍ଧନ ସିଂହଦେଓ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପ୍ରମୁଖ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଛନ୍ତି।

Desk

## ଏନ୍‌ଟିଏ ମକ୍‌ଡ୍ରିଲ

ନିଟ୍ ୟୁଜି ପୁନଃପ୍ରବେଶିକା ପରୀକ୍ଷା ଆସନ୍ତାକାଲି ଅପରାହ୍ନ ୨ଟାରୁ ୫ଟା ୧୫ ମିନିଟ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାବେଳେ ଏହାପୂର୍ବରୁ ଦେଶବ୍ୟାପୀ ପ୍ରସ୍ତୁତି ନେଇ ମକ୍‌ଡ୍ରିଲ୍ ଆୟୋଜନ କରାଯିବ। ସକାଳ ୯ଟାରୁ ମକ୍‌ଡ୍ରିଲ୍ ଆରମ୍ଭ ହୋଇ ଦିନତମାମ ଜାରି ରହିବ। ଅଢ଼େଇଲକ୍ଷରୁ ଅଧିକ ସୁରକ୍ଷା କର୍ମଚାରୀ ମକ୍‌ଡ୍ରିଲ୍‌ରେ ସାମିଲ୍ ହେବେ। ନିଟ୍ ୟୁଜି ପୁନଃପ୍ରବେଶିକା ପରୀକ୍ଷାକୁ ସ୍ୱଚ୍ଛ ଏବଂ ପାରଦର୍ଶୀ ଢଙ୍ଗରେ ପରିଚାଳନା ପାଇଁ ଏହି ମକ୍‌ଡ୍ରିଲ୍ କରାଯିବ। ସୂଚନା ଅନୁଯାୟୀ ଆସନ୍ତାକାଲି ଦେଶର ୫୫୧ଟି ସହର ଏବଂ ବିଦେଶର ୧୪ଟି ସହରରେ ୨୨ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ନିଟ୍ ୟୁଜି ପୁନଃପ୍ରବେଶିକା ପରୀକ୍ଷା ଦେବେ। ପରୀକ୍ଷାରେ

ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା ସହ ଆଧାର-ଆଧାରିତ ଚିହ୍ନଟ ପ୍ରମାଣୀକରଣ ଏବଂ ଜିପିଏସ୍ ସମର୍ଥିତ ଯାନ ବ୍ୟବହାର କରାଯିବ ବୋଲି ଜଣାପଡ଼ିଛି ।

Nabarangpur, Bhadrak

## ବିକାଶର ଧାରା ଓଡ଼ିଶା ସାରା

ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ନବରଙ୍ଗପୁର ଜିଲ୍ଲାରେ "ବିକାଶର ଧାରା ଓଡ଼ିଶା ସାରା" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲା ଯୋଜନାବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ବିକଶିତ ଭାରତ ଗଠନରେ ବିକଶିତ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।

ଭଦ୍ରକ ଜିଲ୍ଲା ରାଣୀତାଲ ସ୍ଥିତ କୃଷିବିଜ୍ଞାନ କେନ୍ଦ୍ରରେ ପ୍ରାକୃତିକ ଓ ଜୈବିକ କୃଷି ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସାଂସଦ ଅଭିମନ୍ୟୁ ସେଠୀ କର୍ମଶାଳାରେ ଯୋଗଦେଇ କୃଷକଙ୍କ ଆୟବୃଦ୍ଧି, ପରିବେଶ ସୁରକ୍ଷା, କ୍ଷେତ ବଞ୍ଚାଅ ଅଭିଯାନ ଓ ନୂତନ ପ୍ରଯୁକ୍ତିବିଦ୍ୟା ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ ।

Desk

## ପି.ଏମ୍. - କିଷାନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପିଏମ୍-କିଷାନ ସମ୍ମାନନିଧି ଯୋଜନାର ୨୩ତମ କିସ୍ତି ପ୍ରଦାନ କରିବେ। ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲାର ତାରକେଶ୍ୱରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶର ୯ କୋଟି ୪୪ ଲକ୍ଷରୁ ଅଧିକ କୃଷକଙ୍କ ବ୍ୟାଙ୍କଖାତାକୁ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ଜରିଆରେ ୧୮ ହଜାର ୮୮୦ କୋଟି ଟଙ୍କା ପ୍ରଦାନ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଭାସୀ ଜରିଆରେ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ୨୦୧୯ ମସିହାରୁ ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧୧ କୋଟିରୁ ଅଧିକ କୃଷକଙ୍କୁ ୨୨ଟି କିସ୍ତି ଜରିଆରେ ଚାରିଲକ୍ଷ କୋଟି ଟଙ୍କାରୁ ଅଧିକ ପ୍ରଦାନ କରାଯାଇଛି।

Desk

## ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା

ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା – PMVBRY ନିଯୁକ୍ତି ସୃଷ୍ଟି, ଯୁବପିଢ଼ୀଙ୍କୁ ସଶକ୍ତ ଏବଂ ଭବିଷ୍ୟତ ପାଇଁ ସୁଦୃଢ଼ କର୍ମଶକ୍ତି ନିର୍ମାଣ କରିବାରେ ସହାୟତା ହେଉଛି। ଯୋଜନାରେ ଯୁବପିଢ଼ୀଙ୍କୁ ଅସୀମ ସୁଯୋଗ ସହିତ ସଶକ୍ତ କରିବାର ଦୃଷ୍ଟିକୋଣ ନିହିତ ରହିଛି। ଏହା ଯୁବବର୍ଗ ଓ ଶିଳ୍ପସଂସ୍ଥା ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରୁଛି।  ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ନୂତନ ଭାରତର ପରିଚୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଯୋଜନା ଅଧୀନରେ ପ୍ରାୟ ୭୦ ଲକ୍ଷ ଚାକିରି ସୃଷ୍ଟି କରାଯାଇଛି।

ଦେଶବ୍ୟାପୀ ଅଦ୍ୟାବଧି ୨୦ଲକ୍ଷ ଯୁବଗୋଷ୍ଠୀ ନିଜ ପ୍ରଥମ ଚାକିରିର ୬ମାସ ପୂରଣ କରିଛନ୍ତି । ଏହି ଅର୍ଥରାଶି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର ଅଭିବ୍ୟକ୍ତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଗତ ୧୨ ବର୍ଷ ମଧ୍ୟରେ ସରକାର ରୋଜଗାରର ସମସ୍ତ ପଥକୁ ମଜବୁତ କରିଛନ୍ତି। ଭିତ୍ତିଭୂମିରୁ ନବସୃଜନ, ବିନିର୍ମାଣରୁ ଡିଜିଟାଲ ଅର୍ଥନିତି ଏବଂ ମହାକାଶରୁ ଷ୍ଟାର୍ଟଅପ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରାଯାଇଛି । ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ଅଧୀନରେ କେନ୍ଦ୍ର ସରକାର ୨ବର୍ଷ ମଧ୍ୟରେ ସାଢେ ୩କୋଟିରୁ ଊର୍ଦ୍ଧ୍ୱ ନିଯୁକ୍ତି ସୃଷ୍ଟିର ଲକ୍ଷ୍ୟ ରଖିଛନ୍ତି ।

Boudh

## ସଚେତନତା ବୈଠକ

ବୌଦ୍ଧ ଜିଲ୍ଲାରେ ଶିଶୁ ଏବଂ କିଶୋର ଶ୍ରମିକ ନିରାକରଣ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି ଶିଶୁଶ୍ରମିକ ଚିହ୍ନଟ ସହ ସେମାନଙ୍କୁ ଉଦ୍ଧାର କରି ପୁନର୍ବାସ ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

Nuapada

## ଆମ୍ବପସରା କାର୍ଯ୍ୟକ୍ରମ

ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଓର୍‌ମାସ୍ ପକ୍ଷରୁ ଆମ୍ବପସରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାସ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଏଥିରେ ୪୫ ପ୍ରକାର ଆମ୍ବ ପ୍ରଦର୍ଶିତ ହୋଇଥିଲା ।

Gajapati

## ବିପର୍ଯ୍ୟୟ ପ୍ରସ୍ତୁତି

ବିପର୍ଯ୍ୟୟ ପ୍ରସ୍ତୁତି ନେଇ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅଭ୍ୟାସ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି କ୍ରମରେ ଗଜପତି ଜିଲ୍ଲାର ବିଭିନ୍ନ ଆଶ୍ରୟସ୍ଥଳୀଗୁଡ଼ିକରେ ଜିଲ୍ଲା ଅଗ୍ନିଶମ ବିଭାଗ ପକ୍ଷରୁ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ବିଭିନ୍ନ ପ୍ରାକୃତିକ ଓ କୃତ୍ରିମ ବିପର୍ଯ୍ୟୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ପ୍ରଦର୍ଶନ ମାଧ୍ୟମରେ କିଭଳି ବିପର୍ଯ୍ୟୟରୁ ସୁରକ୍ଷା କରାଯାଇପାରିବ ତାହା ଦର୍ଶାଇଥିଲେ ।

Nuapada

## ଧାନ ବିକ୍ରି

ନୂଆପଡ଼ା ଜିଲ୍ଲାରେ ଚଳିତ ରବିଋତୁରେ ୪୪ଟି ଧାନ କ୍ରୟକେନ୍ଦ୍ର ଜରିଆରେ ଗତକାଲି ୬୩୬ ଜଣ ଚାଷୀ ୩୧ ହଜାର ୬୭୦ କ୍ୱିଣ୍ଟାଲରୁ ଅଧିକ ଧାନ ବିକ୍ରି କରିଛନ୍ତି । ଏପର୍ଯ୍ୟନ୍ତ ୬ ହଜାର ୯୩୯ ଜଣ ଚାଷୀ ୩ ଲକ୍ଷ ୫୪ ହଜାର ୪୪୯ କ୍ୱିଣ୍ଟାଲ ଧାନ ବିକ୍ରି କରିଥିବା ସୂଚନା ମିଳିଛି ।

Desk

## ବିଶ୍ୱ ଶରଣାର୍ଥୀ ଦିବସ

ଶରଣାର୍ଥୀମାନଙ୍କୁ ସମ୍ମାନିତ କରିବା ଏବଂ ସେମାନଙ୍କ ପ୍ରତି ସମବେଦନା ଓ ସମର୍ଥନ ଜଣାଇବା ଲକ୍ଷ୍ୟରେ ଆଜି ବିଶ୍ୱ ଶରଣାର୍ଥୀ ଦିବସ ପାଳନ କରାଯାଉଛି । ଶରଣାର୍ଥୀମାନଙ୍କ ସମସ୍ୟା ଏକ ବିଶ୍ୱସ୍ତରୀୟ ସମସ୍ୟା ହୋଇଥିବାରୁ ଏହାର ମୁକାବିଲା ପାଇଁ ବିଶ୍ୱବ୍ୟାପୀ ପ୍ରୟାସ ଚାଲିଛି । ଯୁଦ୍ଧ, ଦାରିଦ୍ର୍ୟ ଏବଂ ଅନ୍ୟ କାରଣଗୁଡ଼ିକରୁ ଶରଣାର୍ଥୀ ହୋଇଥିବା ଲୋକଙ୍କୁ ସେମାନଙ୍କର ଘରକୁ ଫେରାଇ ଆଣିବା ପାଇଁ ମିଳିତ ଜାତସଂଘ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି । ଶରଣାର୍ଥୀଙ୍କ ସମସ୍ୟାର ସମାଧାନ ନେଇ ମିଳିତ ଜାତିସଂଘ ପକ୍ଷରୁ 'ୟୁନାଇଟେଡ୍ ନେସନ୍ସ ହାଇ କମିଶନ ଫର ରିଫ୍ୟୁଜି' ନାମକ ଏକ ସଂସ୍ଥା ଗଠନ କରାଯାଇଛି । ଏହି ସଂସ୍ଥା ମାଧ୍ୟମରେ ଶରଣାର୍ଥୀମାନଙ୍କୁ ସ୍ୱୀକୃତି ଦେବା ଏବଂ ସେମାନଙ୍କୁ ସାହାଯ୍ୟ କରିବା ନେଇ ରାଜନୈତିକ ଇଚ୍ଛାଶକ୍ତି ସୃଷ୍ଟି କରିବା ଦିଗରେ ଧ୍ୟାନ ଦେଇଥାଏ । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ସମସ୍ତେ ନିରାପଦ ରହିବା ପର୍ଯ୍ୟନ୍ତ" ।

Desk

## ପାଣିପାଗ

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି । ମୌସୁମୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବାନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ

ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।